ଜରୁରୀ

ଓଡିଶା ସରକାର

ସାଧାରଣ ପ୍ରଶାସନ ବିଭାଗ

*******

ପତ୍ର ସଂଖ୍ୟା – ଜିଏଡି-କୋଡ-କୋର୍ଡସ- **0013 / 2015(Pt.)**- 11143 /ସା.ପ୍ର. ତାରିଖ 6.5.2015

ପ୍ରେରକ

ଶ୍ରୀ ଉଦ୍ଧବ ଚରଣ କର,
ଅତିରିକ୍ତ ଶାସନ ସଚିବ ।

ପ୍ରାପ୍ତକ

ସମସ୍ତ ବିଭାଗ ।
ସମସ୍ତ ମୁଖ୍ୟବିଭାଗୀୟ ଦପ୍ତର ।
ସମସ୍ତ ଜିଲ୍ଲାପାଳ (ଜଗତସିଂହପୁର, ସୁବର୍ଣ୍ଣପୁର, ଦେବଗଡ, ମୟୁରଭଞ୍ଜ ଏବଂ ବଲାଙ୍ଗୀର ବ୍ୟତୀତ) ।

ବିଷୟ: **ସରକାରୀ ଦପ୍ତରରେ ଓଡିଆ ଭାଷାର ବ୍ୟବହାର ।**

**ପ୍ରସଙ୍ଗ:** ସାଧାରଣ ପ୍ରଶାସନ ବିଭାଗର ପତ୍ର ସଂଖ୍ୟା 10552 ତା 17.04.2013, ପତ୍ର ସଂଖ୍ୟା 16086 ତା 12.06.2013 ରିଖ, ପତ୍ର ସଂଖ୍ୟା 32698 ତା 08.12.2014, ପତ୍ର ସଂଖ୍ୟା 2250 ତା 29.01.2015 ଓ ପତ୍ର ସଂଖ୍ୟା 7066 ତା 17.03.2015 ।

ମହାଶୟା /ମହାଶୟ,

ମୁଁ ଏତଦ୍ୱାରା ନିର୍ଦ୍ଦେଶକ୍ରମେ ଜଣାଇବାକୁ ଚାହେଁ ଯେ ସରକାର ସମସ୍ତ ଦପ୍ତରରେ ଓଡିଆ ଭାଷାର ବ୍ୟାପକ ପ୍ରଚଳନ ଏବଂ ବ୍ୟବହାର ପାଇଁ ଗୁରୁତ୍ୱାରୋପ କରୁଛନ୍ତି । ଏଥି ନିମନ୍ତେ ସମସ୍ତ ବିଭାଗ, ମୁଖ୍ୟ ଦପ୍ତର ଓ ସମସ୍ତ ଜିଲ୍ଲାପାଳ ମାନଙ୍କୁ ସାଧାରଣ ପ୍ରଶାସନ ବିଭାଗ ତରଫରୁ ବାରମ୍ବାର ନିବେଦନ କରାଯାଇଆସୁଛି । ତଥାପି ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାର ଅଭିଯୋଗ ହସ୍ତଗତ ହେଉଅଛି ।

ତେଣୁ ଆପଣଙ୍କୁ ପୁନଶ୍ଚ ନିବେଦନ କରାଯାଉଅଛିଯେ ସରକାରୀ ଦପ୍ତରରେ ଓଡିଆ ଭାଷାର ବ୍ୟାପକ ବ୍ୟବହାର ପାଇଁ ନିଆଯାଇଥିବା ବିହିତ ପଦକ୍ଷେପ ତଥା ଏହି କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଏହି ବିଭାଗକୁ ତା **11.05.2015** ରିଖ ସୁଦ୍ଧା ଅବଗତ କରାନ୍ତୁ ।

**ଏହାକୁ ଅତ୍ୟନ୍ତ ଜରୁରୀ ମନେ କରାଯାଇପାରେ ।**

ଆପଣଙ୍କ ବିଶ୍ୱସ୍ତ

6/5/15

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା 11144 /ସା.ପ୍ର. ତା 6.5.2015

ଏହାର ଏକକିତା ନକଲ ନିର୍ଦ୍ଦେଶକ, ଓଡିଆ ଭାଷା ପ୍ରତିଷ୍ଠାନ, ୟୁନିଟ – 5, ଭୁବନେଶ୍ୱର, ଓଡିଶାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା 11145 /ସା.ପ୍ର. ତା 6.5.2015

ଏହାର ଏକକିତା ନକଲ ମହାନିର୍ଦ୍ଦେଶକ, ଗୋପବନ୍ଧୁ ପ୍ରଶାସନିକ ଏକାଡେମି, ଭୁବନେଶ୍ୱର / ସ୍ୱତନ୍ତ୍ର ସଚିବ, ଓଡିଶା ଲୋକସେବା ଆୟୋଗ, କଟକ / ସଚିବ, ଓଡିଶା କର୍ମଚାରୀ ପ୍ରବରଣ ଆୟୋଗ, ଭୁବନେଶ୍ୱର / ନିବନ୍ଧକ, ଓଡିଶା ନ୍ୟାୟ ପ୍ରଶାସନ, ଭୁବନେଶ୍ୱର / ନିର୍ଦ୍ଦେଶକ, ବିଭାଗୀୟ ତଦନ୍ତ କମିଶନ, ଭୁବନେଶ୍ୱର / ମହାନିର୍ଦ୍ଦେଶକ, ସାଧାରଣ ପ୍ରଶାସନ (ଦୁର୍ନିତି ନିବାରଣ) ବିଭାଗ, ଭୁବନେଶ୍ୱର / ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶକ, ଭୁବନେଶ୍ୱର / ଖଜଣା ଅଧିକାରୀ, ସାଧାରଣ ପ୍ରଶାସନ (ଖଜଣା) ବିଭାଗ, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା 11146 /ସା.ପ୍ର. ତା 6.5.2015

ଏହାର ଏକକିତା ନକଲ ସାଧାରଣ ପ୍ରଶାସନ ବିଭାଗର ସମସ୍ତ ଉପବିଭାଗ / ବିଭାଗୀୟ ଅଧିକାରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ